# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,

**ଢେଙ୍କାନାଳ** e-mail- dkl.dipro@gmail.com

Tel. No.- (06762) 224414


**ପତ୍ରସଂଖ୍ୟା. ୮୨୨, / ସୂ.ଲୋ.ସଂ., ତା. ୦୨-୦୯-୨୦୧୮.**

## ଢେଙ୍କାନାଳରେ ଫାଇଲେରିଆ ନିରାକରଣ ନିମନ୍ତେ ଜିଲ୍ଲା ସମନ୍ୱୟ ବୈଠକ

---

ଢେଙ୍କାନାଳ, ତା-୦୬.୦୯.୨୦୧୮ରିଖ: ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ଜିଲ୍ଲା ସଦ୍‌ଭାବନା ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ନିଖିଲ ପଵନ କଲ୍ୟାଣ ଅଧ୍ୟକ୍ଷତା କରି ଜିଲ୍ଲାର ଫାଇଲେରିଆ ରୋଗର ନିୟନ୍ତ୍ରଣ ପାଇଁ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ସହ ଲୋକଙ୍କୁ ସଚେତନ କରିବାକୁ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଏବଂ ପ୍ରତ୍ୟେକ ବିଭାଗ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଫାଇଲେରିଆ କଣ ଓ କିପରି ହୁଏ, ଫାଇଲେରିଆ ରୋଗ କପରି ସଂକ୍ରମଣ ହୋଇଥାଏ, ବାତଜ୍ୱର ରୋଗର ଲକ୍ଷଣ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବାସୁଦେବ ବେହେରା ଅବଗତ କରାଇଥିଲେ । ଏହି ରୋଗ ବଂଶାନୁଗତ ନୁହେଁ, ଏହା ଏକ ପରଜୀବି କିଟାଣୁ ଦ୍ୱାରା ସଂକ୍ରମିତ ହୋଇଥାଏ । ମଶା କାମୁଡିଲେ ପ୍ରାୟ ଏକ ମାସ ପରେ ବାତଜ୍ୱର ଲକ୍ଷଣ ଦେଖାଯାଇଥାଏ । ଫାଇଲେରିଆ ରୋଗପାଇଁ ପ୍ରାଥମିକ ଚିକିତ୍ସାରେ ରୋଗ ଚିକିତ୍ସା ପାଇଁ ଔଷଧ ଅଛି । ଏହି ସମୟରେ ଡ଼ାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କଲେ ରୋଗ ବୃଦ୍ଧି ପାଇନଥାଏ । ଫାଇଲେରିଆ ରୋଗର ଚିହ୍ନଟ କିପରି କରିହେବ, ଏ ସମ୍ପର୍କରେ ମଧ୍ୟ ଡ଼ଃ. ବେହେରା ଅବଗତ କରାଇଥିଲେ । ଫାଇଲେରିଆ ରୋଗ ଚିହ୍ନଟ ପାଇଁ ରୋଗୀ ରାତି ୮ଟାରୁ ୧୨ଟା ମଧ୍ୟରେ ଶୋଇଥିବା ସମୟରେ ଏହି ରକ୍ତ ନମୁନା ସଂଗ୍ରହ କରା ଯାଇଥାଏ । ବାତଜ୍ୱର ନିରାକରଣ ପାଇଁ ଭାରତ ସରକାରଙ୍କ ତରଫରୁ " ଜାତୀୟ ବାତଜ୍ୱର ନିରାକରଣ" କାର୍ଯ୍ୟକ୍ରମ କାରିରହିଛି । ଏଥିପାଇଁ "ସାର୍ବଜନୀନ ଔଷଧ ସେବନ" ବା ମାସ୍ ଡ୍ରଗ୍ (MDA) କାର୍ଯ୍ୟକ୍ରମକୁ ବାତଜ୍ୱର ପ୍ରବଣ ଜିଲ୍ଲାମାନଙ୍କରେ କାର୍ଯ୍ୟକାରୀ କରଯାଉଛି । କେବଳ ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଅଧିକ ଦିନ ଧରି ରୋଗରେ ପୀଡ଼ିତ ଥିବା ଲୋକମାନଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଏହି ଔଷଧ ସେବନ କରିପାରିବେ । ବୟସ ଅନୁସାରେ ଡ଼ି.ଇ.ସି. ବଟିକା ଓ ଆଲ୍‌ବେଣ୍ଡାଜଲ ବଟିକା ଦିଆଯାଇଥାଏ । ବୟସ ଅନୁସାରେ ଡ଼ି.ଇ.ସି. ବଟିକା ଓ ଆଲ୍‌ବେଣ୍ଡାଜଲ ବଟିକା ମାତ୍ରା ୨ବର୍ଷରୁ ୫ବର୍ଷ ପିଲାଙ୍କ ପାଇଁ ୧ଟି ବଟିକା, ୬ବର୍ଷରୁ ୧୪ବର୍ଷ ପାଇଁ ୨ଟି ବଟିକା ଓ ୧୫ବର୍ଷ ବା ତାଠାରୁ ଉର୍ଦ୍ଧ୍ୱ ୩ଟି ବଟିକା ସେବନ କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମିନତୀ ନାଏକ,ସଦର ଉପଜିଲ୍ଲାପାଳ ଶ୍ରୀ ପିତାମ୍ବର ସାମଲ, ନଗରପାଳ ଶ୍ରୀ ସୁଧାଂଶୁ କୁମାର ଦଳେଇ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

ହେମନ୍ତ କୁମାର ନାୟକ ୦୬/୯/୨୦୧୮

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,

ଢେଙ୍କାନାଳ